# NATIONAL NEWS BULLETIN (ODIA)

**19 August - 2024**

**Mid-Day : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ  ଅନୁଷ୍ଠିତ ହେଉଛି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡ଼ିକର କାର୍ଯ୍ୟଦକ୍ଷତା ସମୀକ୍ଷା ବୈଠକ ।

- ପବିତ୍ର ରକ୍ଷାବନ୍ଧନ ଅବସରରେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଜଣାଇଲେ ଅଭିନନ୍ଦନ ।

- କୋଲକାତା ଡାକ୍ତର ଛାତ୍ରୀ ଦୁଷ୍କର୍ମ ଏବଂ ହତ୍ୟା ଘଟଣାରେ ହସ୍ପିଟାଲର ପୂର୍ବତନ ଅଧକ୍ଷ ସନ୍ଦୀପ ଘୋଷଙ୍କୁ ସିବିଆଇ ପକ୍ଷରୁ ଆଜି ମଧ୍ୟ ଚାଲିଛି ଜେରା ।

- ୧୯ତମ ସି.ଆଇ.ଆଇ. ଭାରତ -ଆଫ୍ରିକା ବ୍ୟବସାୟ ସମ୍ମିଳନୀରେ ଯୋଗଦେବା ପାଇଁ ଭାରତରେ ପହଞ୍ଚିଲେ ଜିମ୍ବାୱେ ଉପରାଷ୍ଟ୍ରପତି ।

ଏବଂ

- ଶ୍ରୀଲଙ୍କା ରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରକାଶ ପାଇଲା ପ୍ରାର୍ଥୀ ତାଲିକା ।

## ସୀତାରମଣ-ରିଭ୍ୟୁ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀଠାରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡ଼ିକର କାର୍ଯ୍ୟଦକ୍ଷତା ସମୀକ୍ଷା ବୈଠକ ଅନୁଷ୍ଠିତ ହେଉଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପି.ଏମ୍. ସୂର୍ଯ୍ୟଘର ଏବଂ

ପି.ଏମ୍. ବିଶ୍ୱକର୍ମା ଭଳି ଜନକଲ୍ୟାଣକାରୀ ଯୋଜନା  ଗୁଡ଼ିକର କାର୍ଯ୍ୟକାରିତା ନେଇ ଏହି ବୈଠକରେ ଆଲୋଚନା ହେଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ତୃତୀୟପାଳି ସରକାରରେ ଅର୍ଥ ଏବଂ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରୁଥିବା ସୀତାରମଣଙ୍କର ଏହା ହେଉଛି ପ୍ରଥମ ସମୀକ୍ଷା ବୈଠକ । ସେହିଭଳି ଜମା ଅଭିବୃଦ୍ଧି, କ୍ରେଡିଟ୍ ଟୁ ଡିପୋଜିଟ୍ ଅନୁପାତ ଆଦିର ସମୀକ୍ଷା ମଧ୍ୟ କରାଯାଉଛି। ଏହି ବୈଠକରେ ଆର୍ଥିକ ସେବା ବିଭାଗ ସଚିବ ଡକ୍ଟର ବିବେକ ଯୋଶୀ’ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ପରିଚାଳନା ନିର୍ଦ୍ଦେଶକ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ ଯୋଗ ଦେଇଛନ୍ତି । ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ ଆଜି ସନ୍ଧ୍ୟାରେ ଆଞ୍ଚଳିକ ଗ୍ରାମ୍ୟବ୍ୟାଙ୍କ ଗୁଡ଼ିକର ପ୍ରଦର୍ଶନ ନେଇ ସମୀକ୍ଷା ବୈଠକରେ ଯୋଗଦେବେ ।

---

# ରକ୍ଷା ବନ୍ଧନ

ଭାଇଭଉଣୀଙ୍କ ମଧ୍ୟରେ ସ୍ନେହ, ଶ୍ରଦ୍ଧା ଏବଂ ସମ୍ମାନର ପ୍ରତୀକ ରକ୍ଷା ବନ୍ଧନ ଉତ୍ସବ ଆଜି ସମଗ୍ର ଦେଶରେ ପାଳନ କରାଯାଉଛି । ଭଉଣୀ ଭାଇ ହାତରେ ରାକ୍ଷି ବାନ୍ଧି ତାଙ୍କର ସୁଖ, ସମୃଦ୍ଧି ଏବଂ ଉତ୍ତମ ସ୍ୱାସ୍ଥ୍ୟର କାମନା କରିଥାନ୍ତି । ଏହାର ପ୍ରତିବଦଳରେ ଭାଇ ଭଉଣୀର ସୁରକ୍ଷା ସହ ଭବିଷ୍ୟତରେ ସବୁ ପ୍ରକାର ସହଯୋଗ ପ୍ରଦାନ କରିବାର ସଂକଳ୍ପ ନେଇଥାଏ ।  ଏହି ଅବସରରେ ଭାଇ ମଧ୍ୟ ଭଉଣୀକୁ ମନଲାଖି ଉପହାର ପ୍ରଦାନ କରିଥାଏ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରକ୍ଷାବନ୍ଧନ ପର୍ବ ଉପଲକ୍ଷେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି,

ରକ୍ଷାବନ୍ଧନ ହେଉଛି ଭାଇ ଭଉଣୀଙ୍କ ମଧ୍ୟରେ ଥିବା ଅତୁଟ ବନ୍ଧନର ଏକ ପ୍ରତିଫଳନ ।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ୍ ଏହି ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ  ପୋଷ୍ଟ କରି ସେ କହିଛନ୍ତି ଏହି ଉତ୍ସବ ଭଲପାଇବା ଏବଂ ପାରସ୍ପରିକ ବିଶ୍ୱାସର ଭାବନାକୁ ମଜବୁତ କରିଥାଏ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରକ୍ଷା ବନ୍ଧନ ଅବସରରେ ଆଜି ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହି ପବିତ୍ର ପର୍ବ ପାରିବାରିକ ବନ୍ଧନ, ଖୁସି ଏବଂ ସୌହାର୍ଦ୍ଦ୍ୟକୁ ପ୍ରତିଫଳନ କରିଥାଏ ।

---

# ଡବ୍ଲୁବି-ସିବିଆଇ

କୋଲକାତା ଡାକ୍ତର ଛାତ୍ରୀ ଦୁଷ୍କର୍ମ ଏବଂ ହତ୍ୟା ଘଟଣାରେ ଆର୍.ଜି. କର ମେଡ଼ିକାଲ କଲେଜ ଓ ହସ୍ପିଟାଲର ପୂର୍ବତନ ଅଧ୍ୟକ୍ଷ ସନ୍ଦୀପ ଘୋଷଙ୍କୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ-ସିବିଆଇ ଆଜି ମଧ୍ୟ ଜେରା କହିଛି। କ୍ରମାଗତ ଚତୁର୍ଥ ଦିନ ପାଇଁ ତାଙ୍କୁ ଜେରା ଚାଲିଛି । ଅନ୍ୟ ପକ୍ଷରେ ଏହି ଘଟଣା ସହିତ ଜଡ଼ିତ ସାମାଜିକ ଗଣମାଧ୍ୟମ ପୋଷ୍ଟ କାରଣରୁ ରାଜ୍ୟ ପୋଲିସ୍ ଏବଂ ସାଇବର୍ କ୍ରାଇମ୍ ବିଭାଗ ନୋଟିସ୍ ପାଇଥିବା ବ୍ୟକ୍ତିଙ୍କୁ ସମସ୍ତ ପ୍ରକାର  ଆଇନ ସହାୟତା ଯୋଗାଇ ଦେବେ ବୋଲି ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ କହିଛନ୍ତି  । ସେ ଅଭିଯୋଗ କରି କହିଛନ୍ତି ପଶ୍ଚିମବଙ୍ଗ ଏବଂ ଦେଶର ଅନ୍ୟାନ୍ୟ ଅଞ୍ଚଳର ବାସିନ୍ଦାଙ୍କୁ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୬୮ ଅନୁଯାୟୀ ନୋଟିସ୍ ଜାରି

କରାଯାଇଛି । କୋଲକାତା ପୋଲିସ୍ ଠାରୁ ନୋଟିସ୍ ବିରୁଦ୍ଧରେ ତୃଣମୂଳ କଂଗ୍ରେସର ରାଜ୍ୟସଭା ସଦସ୍ୟ ସୁଖେନ୍ଦୁ ଶେଖର ରାୟ କୋଲକାତା ହାଇକୋର୍ଟରେ ଏକ ପିଟିସନ୍ ଦାଖଲ କରିଛନ୍ତି । ପୂର୍ବରୁ ଶ୍ରୀ ରାୟ ଏହି ଘଟଣା ସଂପର୍କିତ କିଛି ତଥ୍ୟ ସାମାଜିକ ଗଣମାଧ୍ୟମ ଏକ୍ସ ରେ ପୋଷ୍ଟ କରିଥିଲେ ।

ଅନ୍ୟପକ୍ଷରେ ଏହି ଘଟଣାରେ ରାଜଧାନୀ ଦିଲ୍ଲୀରେ ଆବାସିକ ଡାକ୍ତର ଏବଂ ଡାକ୍ତର ଛାତ୍ରଛାତ୍ରୀଙ୍କ ପକ୍ଷରୁ ବିକ୍ଷୋଭ ଜାରି ରହିଛି । ନିର୍ମାଣ ଭବନ ନିକଟରେ ଏମ୍ସ, ସଫ୍‌ଦରଜଙ୍ଗ ହସ୍ପିଟାଲ, ମୌଲାନା ଆଜାଦ ମେଡ଼ିକାଲ କଲେଜ, ଉତ୍ତର ରେଳବାଇ କେନ୍ଦ୍ରୀୟ ହସ୍ପିଟାଲ, ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା ସଂସ୍ଥାର ଡାକ୍ତରମାନେ ଏହି ବିକ୍ଷୋଭ ପ୍ରଦର୍ଶନରେ ସାମିଲ ହୋଇଛନ୍ତି । ସମଗ୍ର ଦେଶରେ ସ୍ୱାସ୍ଥ୍ୟକର୍ମୀ ଏବଂ ସ୍ୱାସ୍ଥ୍ୟସେବା ଯୋଗାଣକାରୀ ଅନୁଷ୍ଠାନ ଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଏକ ଆଇନ ପ୍ରଣୟନ ଲାଗି ସେମାନେ ଦାବି କରିଛନ୍ତି ।

---

## ଜେକେ-ଏନ୍ଏଚ୍

ଜାମ୍ମୁ କାଶ୍ମୀରର ପଟ୍‌ନିଟପ୍ ଉପରମୁଣ୍ଡରେ ଆତଙ୍କବାଦୀଙ୍କ ସହ ଗୁଳିଗୋଳା ବିନିମୟ ପରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଉଧମପୁର ଓ ରିୟାସୀ ଜିଲ୍ଲା ସମେତ ପଟନିଟପ୍ ସାନ୍‌ସର୍ ଅଞ୍ଚଳରେ ସର୍ଚ୍ଚ ଅପରେସନକୁ ଅଧିକ ତ୍ୱରାନ୍ୱିତ କରାଯାଇଛି । ଡୋଡା, ରାମ୍‌ବନ୍ ଏବଂ ଉଧମପୁର ଜିଲ୍ଲାର ଉପରମୁଣ୍ଡରେ ଥିବା ବାଟୋଟେ-ଡୋଡା-କିସ୍ତୱାର ଜାତୀୟ ରାଜପଥ ଏନ୍ଏଚ୍-୨୪୪ ଏବଂ ଜାମ୍ମୁ -ଶ୍ରୀନଗର ଜାତୀୟ ରାଜପଥ ଏନଏଚ୍-୪୪ରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି

କରାଯାଇଛି । କୃତ୍ରିମ ବୁଦ୍ଧିମତା ଆଧାରରେ ଚେହେରା ଚିହ୍ନଟ ପ୍ରଣାଳୀ, ଡ୍ରୋନ୍ ଏବଂ ସିସିଟିଭି ଦ୍ୱାରା ସେହିସବୁ ଅଂଚଳରେ ତୀକ୍ଷ୍ଣ ନଜର ରଖାଯାଇଛି । ୨୪ ଘଣ୍ଟିଆ ଯାଞ୍ଚ ଚାଲିଛି । ସେହିସବୁ ଅଞ୍ଚଳରେ ରାତ୍ରି ପାଟ୍ରୋଲିଂକୁ ଅଧିକ ଜୋରଦାର କରାଯାଇଛି ।  ସମସ୍ତ ସୁରକ୍ଷା ସଂସ୍ଥାଗୁଡ଼ିକୁ ହାଇ ଆଲର୍ଟ ଜାରି କରାଯାଇଛି । ସେନାର ବରିଷ୍ଠ ଅଧିକାରୀମାନେ ନିୟମିତ ଭାବେ ପରିସ୍ଥିତିର ସମୀକ୍ଷା କରୁଛନ୍ତି । ଏଥିପାଇଁ ସ୍ୱତନ୍ତ୍ର ଫୋର୍ସ ଏବଂ ଜାମ୍ମୁ କାଶ୍ମୀର ପୋଲିସ୍‌କୁ ନିୟୋଜିତ କରାଯାଇଛି ।

---

## ରିଟାୟାର୍ଡ ସିଇଓ-ପଦ୍ମନାଭନ୍

ପୂର୍ବତନ ସେନାମୁଖ୍ୟ ଜେନେରାଲ୍ ସୁନ୍ଦର ରାଜନ ପଦ୍ମନାଭନ୍‌ଙ୍କର ଆଜି ଚେନ୍ନାଇସ୍ଥିତ ବାସଭବନରେ ପରଲୋକ ହୋଇଛି । ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା । ୧୯୪୦ମସିହା ଡିସେମ୍ବର ୫ ତାରିଖରେ କେରଳର ତ୍ରିଭେନ୍ଦ୍ରମ୍‌ଠାରେ ସେ ଜନ୍ମ ଗ୍ରହଣ କରିଥିଲେ । ଡେରାଡୁନ୍‌ର ରାଷ୍ଟ୍ରୀୟ ସାମରିକ ମହାବିଦ୍ୟାଳୟ ଏବଂ ପୁଣେର ଖଡ଼କୱାସ୍‌ଲା ସ୍ଥିତ ଜାତୀୟ ପ୍ରତିରକ୍ଷା ଏକାଡେମୀରେ ଶିକ୍ଷା ପ୍ରାପ୍ତ ହୋଇଥିଲେ । ୧୯୫୯ ଡିସେମ୍ବର ୧୩ ତାରିଖରେ ଭାରତୀୟ ସାମରିକ ଏକାଡେମିରୁ ସ୍ନାତକ ହାସଲ କରିବା ପରେ ସେ ଆର୍ଟିଲାରୀ ରେଜିମେଂଟ୍‌ରେ ଯୋଗ ଦେଇଥିଲେ ।  ସେ ଅନେକ ଯୁଦ୍ଧରେ ଭାଗ ନେଇ ଉତ୍କର୍ଷ ପ୍ରତିପାଦନ କରିଥିଲେ । ସେ ଦୁଇଟି ପୁସ୍ତକ ମଧ୍ୟ ରଚନା କରିଛନ୍ତି । ଭାରତୀୟ ସେନାର ୨୦ତମ ସେନାମୁଖ୍ୟ ଭାବେ ସେ ଦାୟିତ୍ୱ ନିର୍ବାହ କରିଥିଲେ ।

---

# ନେପାଳ-ଏଫ୍ଏମ୍ ଭିଜିଟ୍

ଭାରତ ଗସ୍ତରେ ଥିବା ନେପାଳ ବୈଦେଶିକ ମନ୍ତ୍ରୀ ଅର୍ଜୁ ରାଣା ଦେଓବା ଆଜି ଭାରତର ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ସଂପର୍କ ନେଇ ସାକ୍ଷାତ ଆଲୋଚନା କରିଛନ୍ତି । ପାଞ୍ଚ ଦିନିଆ ଭାରତ ଗସ୍ତରେ ଆସି ଶ୍ରୀ ଦେଓବା ଗତକାଲି ନୂଆଦିଲ୍ଲୀ ଠାରେ ପହଞ୍ଚିଥିଲେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏକ ବିବୃତିରେ କହିଛି, ଭାରତ ଏବଂ ନେପାଳ ମଧ୍ୟରେ ନିୟମିତ ଭାବେ ଏଭଳି ଉଚ୍ଚସ୍ତରୀୟ ଆଲୋଚନା ହୋଇଥାଏ। ମନ୍ତ୍ରଣାଳୟ କହିଛି, ପଡ଼ୋଶୀ ପ୍ରଥମ ନୀତି ଅନୁଯାୟୀ ନେପାଳ ଭାରତର ଏକ ପ୍ରମୁଖ ଅଂଶୀଦାର ଅଟେ । ଏହି ଗସ୍ତ ଉଭୟ ପକ୍ଷଙ୍କ ମଧ୍ୟରେ ପାରସ୍ପରିକ ସହଯୋଗ ଓ ସମ୍ପର୍କକୁ ଆହୁରି ସୁଦୃଢ଼ କରିବ ବୋଲି ଆଲୋଚନାରୁ ଜଣାପଡ଼ିଛି ।

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ମହାକାଶ କ୍ଷେତ୍ରରେ ସୁଯୋଗ ବୃଦ୍ଧି** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ନୂଆଦିଲ୍ଲୀ ସ୍ଥିତ ଉତ୍ତର ଆଞ୍ଚଳିକ ରିମୋଟ୍ ସେନ୍ସିଂ କେନ୍ଦ୍ରର ଉପ-ମହାପ୍ରବନ୍ଧକ ଡକ୍ଟର ସମୀର ସରଣ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air

ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆଜି ରାତି ୯ଟା ୩୦ ମିନିଟ୍‌ରେ ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକ୍ୱେନ୍ସି ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

## ଭିପି–ଜିମ୍ବାୱେ

ଜିମ୍ବାୱେ ର ଉପରାଷ୍ଟ୍ରପତି କନ୍‌ଷ୍ଟାଣ୍ଟିନୋ ଗୁଭେୟା ଡୋମିନିକ୍ ନ୍ୟାଇକାଜିନୋ ଚୁଏଙ୍ଗା ଆଜି ଭାରତ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ୧୯ତମ ସି.ଆଇ.ଆଇ. ଭାରତ -ଆଫ୍ରିକା ବ୍ୟବସାୟ ସମ୍ମିଳନୀରେ ସେ ଯୋଗଦେବେ । ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି ଏହି ସମ୍ମିଳନୀରେ ତାଙ୍କର ଯୋଗଦାନ ଭାରତ ଏବଂ ଜିମ୍ବାୱେ ମଧ୍ୟରେ ସଂପର୍କର ଦୃଢ଼ତାକୁ ଦର୍ଶାଉଛି । ଦୁଇଦେଶ ମଧ୍ୟରେ ସହଭାଗିତା ପାଇଁ ଭାରତର ପ୍ରତିବଦ୍ଧତାକୁ ଏହା ଅଧିକ ସୁଦୃଢ଼ କରିବ ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି ।

## ଶ୍ରୀଲଙ୍କା ଇଲେକ୍ସନ

ଶ୍ରୀଲଙ୍କାର ନିର୍ବାଚନ ଆୟୋଗ ଆଗାମୀ ରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରାର୍ଥୀ ତାଲିକା ପ୍ରକାଶ କରିଛନ୍ତି । ଆସନ୍ତାମାସରେ ହେବାକୁ ଥିବା ନିର୍ବାଚନରେ ଅଣଚାଳିଶ ଜଣ ପ୍ରାର୍ଥୀ ନିର୍ବାଚନ ଲଢ଼ିବେ । ଏହି ତାଲିକାରେ ପ୍ରାର୍ଥୀଙ୍କର ନାମ, ନିର୍ଦ୍ଧାରିତ ଚିହ୍ନ ଏବଂ ବାଲାଟ ପେପରରେ କ୍ରମିକ ସଂଖ୍ୟା ଅନୁଯାୟୀ ତଥ୍ୟ ରହିଛି । ଆୟୋଗ କହିଛନ୍ତି ରାଷ୍ଟ୍ରପତି ନିର୍ବାଚନ ପ୍ରଚାର ସମୟରେ

ଜାତୀୟ ପତାକାର ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ପ୍ରଚାରରେ ଧାର୍ମିକ ଚିହ୍ନ ବ୍ୟବହାରକୁ ମଧ୍ୟ ନିଷିଦ୍ଧ କରାଯାଇଥିବା ଆୟୋଗ କହିଛନ୍ତି ।

---

## ମହା-ମହାଡ

ମହାରାଷ୍ଟ୍ରର ରାୟଗଡ଼ ଜିଲ୍ଲାର ମହାଡ଼ ତାଲୁକ ଅନ୍ତର୍ଭୁକ୍ତ ସାବିତ୍ରୀ ନଦୀରେ ବୁଡ଼ିଯାଇ ୩ ଜଣ ପର୍ଯ୍ୟଟକଙ୍କର ମୃତ୍ୟୁ ହୋଇଛି । ଉଦ୍ଧାରକାରୀ ଦଳ ଅନ୍ୟ ୪ଜଣଙ୍କୁ ଉଦ୍ଧାର କରିଛନ୍ତି । ସେମାନଙ୍କ ମଧ୍ୟରେ ୩ ଜଣ ଶିଶୁ ଏବଂ ଜଣେ ମହିଳା ଅନ୍ତର୍ଭୁକ୍ତ । ମହାବଳେଶ୍ୱରରୁ ଗୋଟିଏ ପରିବାରର ୬ ଜଣ ସଦସ୍ୟ ଜଣେ ବନ୍ଧୁଙ୍କ ସହ ମହାଡ଼ ବୁଲିବାକୁ ଯାଇଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା । ପର୍ଯ୍ୟଟକଙ୍କର ମୃତଦେହ ଗୁଡ଼ିକୁ ମଧ୍ୟ ନଦୀରୁ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି ।

---